# ମୋ ରଙ୍ଗ ତୁଳିର ସଂସ୍କୃତି ବିହାର

• ନାରାୟଣ ସାହୁ
(ସଂସ୍କୃତି ବିହାରର ମେକପମ୍ୟାନ) ମଞ୍ଚରୂପା - କଟକ

କଟକ ସହର ସଂସ୍କୃତି ବିହାର ସର୍ବକଳାକାରଗଣ ।
ପାଳନ କରନ୍ତି ସୁବର୍ଣ୍ଣ ଜୟନ୍ତି ଉତ୍ସାହିତ ସର୍ବ ଜନ ।।
ଅଣଚାଶ ବର୍ଷ ହୋଇ ଗଲା ଶେଷ ମନ ହେଲା ଛନ ଛନ ।
ପୁରାତନ ଗଲା ନୂତନ ଆସିଲା ହରଷ ସବୁରି ମନ ।।
କଳାକାର ମାନେ ଉତ୍ସାହିତ ମନେ ହୋଇଛନ୍ତି ଏକତ୍ରିତ ।
ଯେତେ ଟୋକା ବୁଢ଼ା ସର୍ବେ ଅଣ୍ଟାଭିଡ଼ି ଉତ୍ସବ ପାଳନେ ରତ ।।
ମଞ୍ଚରୂପା ଲୋକେ ମେକପ ପାଇଁକି ରଙ୍ଗତୁଳୀ ହାତେ ଧରି ।
ନିବେଶି ମାନସ ହେବାକୁ ସରସ ଧିର ସ୍ଥିର ମନ କରି ।।
କଟକ ସହର ସବୁଠି ଆଦର ମଂଚ ରୂପା ରାମ ଭାଇ ।
ସବୁ ନୂଆ ନୂଆ ଡ୍ରେସ୍ ଆଣିଛନ୍ତି ରୂପ ସାଜସଜ୍ଜା ପାଇଁ ।।
ରାଜାରାଣୀ ଆଉ ମନ୍ତ୍ରୀ ସେନାପତି ଦୂତ କଟୁଆଳ ନେଇ ।
ଯାହାକୁ ଯେପରି ପୋଷକ ସାଜିବ ନଟ ନଟୀ ଥିବେ ରହି ।।
କାରୁକାର୍ଯ୍ୟ ପୂର୍ଣ୍ଣ ପୋଷାକ ନିର୍ମାଣ କଟକ ବଜାରେ ନାହିଁ ।
ମାୟା ରୂପ ଦେଇ ବାଇୟା କରଇ ଏକା ସେ ନାରଣ ଭାଇ ।।
ଜତନେ ନିର୍ମିତ ମୋତିରେ ଖଂଜିତ ପୋଷାକର ପ୍ରତି କୋଣେ ।
ସୁବର୍ଣ୍ଣର କାନ୍ତି ଝଟକାଏ ଜ୍ୟୋତି ବିନ୍ଧାଣୀ ଚାତୁରୀ ପଣେ ।।
ସାଜ ସଜ୍ଜା ଶୋଭା କି ଉପମା ଦେବା ପାଟବସ୍ତ୍ର ପିତାମ୍ବରୀ ।
ଚାହିଁ ଦେଲେ ଆଖି ରହିଯାଏ ଲାଖି, ସହଜେ ନ ଆସେ ଫେରି ।।
ଡାକ ବାଜି ଯନ୍ତ୍ର ଗାଉଛି ସଂଗୀତ ମନ ମତାଣିଆ ସୁରେ ।
ଶୁଣନ୍ତି ଦର୍ଶକ ଜାଗଇ ପୁଲକ ମନରରେ ଆନନ୍ଦ ଭରେ ।।
ସଂସ୍କୃତି ବିହାର ପିଲାଏ କରନ୍ତି ନାଟକ ପରିବେଷଣ ।
ଭଲ ଲାଗେ ବୋଲି କରତାଳି ବେଶି ଦିଅନ୍ତି ଦର୍ଶକ ଗଣ ।।
ଶୁଣେ ଏ ଶ୍ରବଣ ସର୍ବ ଯଶ ଗୁଣ ନେତ୍ର ପାରେ ନାହିଁ ଦେଖି ।
ପରଦା ପଛରେ ଏତିକି ଅଭାବ ସେନିମନ୍ତେ ମୁହିଁ ଦୁଃଖି ।।
ମଞ୍ଚ କାର୍ଯ୍ୟ ପରେ ସର୍ବେ ଆନନ୍ଦରେ ପଂକ୍ତି ଭୋଜନରେ ବସି ।
ବିବିଧ ବ୍ୟଞ୍ଜନ ସଙ୍ଗେ ସରୁ ଅନ୍ନ କ୍ଷୀରି ବୁନ୍ଦିଆରେ ଖୁସି ।।
କଟକ ସହର ସଂସ୍କୃତି ବିହାର ନିର୍ଦ୍ଦେଶକ ଯେ ମହାନ ।
ନାରାୟଣ ସିଂହ ଗୁରୁ ପଦବାଚ୍ୟ କେହି ନ କରିବେ ଆନ ।।
ଆହେ ଗୁରୁଦେବ କୃପାର ସାଗର ମସ୍ତକେ ଆଶିଷ ଢାଳି ।।
କୃପା ବରଷଣ କରନ୍ତୁ ଆପଣ ତବ ଗୁଣଜ୍ଞାନ ଧରି
ଆମ କୋଳେ ଜାତ ହେଉ ଯୋଗ୍ୟ ସୁତ ବଢୁ ବଂଶ ମାନ ଶିରୀ ।।

*ସୌଜନ୍ୟ - ଶ୍ରୀ ରାମ ଚନ୍ଦ୍ର ଦାଶ, ମଞ୍ଚରୂପା ପ୍ରୋପାଇଟର - ବକ୍ସିବଜାର ରୋଡ୍, କଟକ*